# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 24 February - 2025

## ପିଏମ୍ କିଶାନ ସମ୍ମାନନିଧି ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୧୯ତମ କିସ୍ତି ପ୍ରଦାନ କରିବେ। ଦେଶର ୯ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ୨୧ ହଜାର ୫୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଦେବେ। ସୂଚନା ଅନୁସାରେ, ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀ କୃଷକ ପରିବାରଙ୍କୁ ତିନୋଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କାର ସହାୟତା ରାଶି ଦିଆଯାଉଛି । ୨୦୧୯ ମସିହାରେ ଏହି ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୧୧ କୋଟି କୃଷକ ପରିବାରଙ୍କୁ ୩ ଲକ୍ଷ ୪୬ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିବା ନେଇ ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ଆରମ୍ଭ

ଆନ୍ତର୍ଜାତିକ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳୀ ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆଜିଠାରୁ ଭୁବନେଶ୍ୱରରେ ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ଆରମ୍ଭ ହେବ । ଭାରତୀୟ ବାଣିଜ୍ୟ ଶିଳ୍ପ ମହାସଂଘ ସହଭାଗିତାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଗଣମାଧ୍ୟମକୁ ଏହି

ସମ୍ପର୍କରେ ସୂଚନା ଦେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ରାଜ୍ୟର ସାଂସ୍କୃତିକ ଐତିହ୍ୟ, ବେଳାଭୂମି, ଇକୋ ଟୁରିଜିମ ଏବଂ ପର୍ଯ୍ୟଟନ କ୍ଷେତ୍ର ଭିତ୍ତିଭୂମିର ବିକାଶ ଦିଗରେ ଏହି କାର୍ଯ୍ୟକ୍ରମ ସହଯୋଗ ପ୍ରଦାନ କରିବ ।

## ଜନ ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯାନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଅବଗତ କରାଯିବ ।

## ଓଡ଼ିଆ ଭାଷା

ଓଡ଼ିଆ ଭାଷାର ସମୃଦ୍ଧି ଓ ବିକାଶ ଦିଗରେ ସାହିତ୍ୟିକ, ଭାଷାବିତ୍‌ମାନଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ କହିଛନ୍ତି । ଇଣ୍ଟରନେଟ୍ ଜରିଆରେ ଓଡ଼ିଆ ଭାଷାକୁ ସମୃଦ୍ଧ କରି ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ପକ୍ଷରୁ ସାହିତ୍ୟିକ ଓ ଭାଷାବିତ୍‌ମାନଙ୍କୁ ନେଇ ଭୁବନେଶ୍ୱରରେ ଆୟୋଜିତ ଏକ କର୍ମଶାଳାରେ ଯୋଗଦେଇ' ଓଡ଼ିଆ ଶବ୍ଦ ଭଣ୍ଡାର ପ୍ରସ୍ତୁତି ନିମନ୍ତେ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ଦେବ କହିଛନ୍ତି ।

# ପ୍ରାଣୀ ଗଣନା

କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତବର୍ଷ ନଭେମ୍ବର ମାସରୁ ଆରମ୍ଭ ହୋଇଥିବା ପ୍ରାଣୀଧନ ଗଣନା ଅଭିଯାନ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସଂପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ମିଳିଥିବା ସୂଚନା ଅନୁସାରେ, ପ୍ରାଣୀ ଗଣନା ଅଭିଯାନରେ ବ୍ଲକ ସ୍ତରରେ କାର୍ଯ୍ୟରତ ଏଲ୍.ଆଇ., ଗୋମିତ୍ର ଏବଂ ସ୍ୱେଚ୍ଛାସେବୀମାନେ ସାମିଲ ଅଛନ୍ତି । ଘରକୁ ଘର ବୁଲି ବଳଦ, ମଇଁଷି, ଗାଈ, ଛେଳି, ମେଣ୍ଢା, ଘୁଷୁରୀ, ବିଲେଇ, କୁକୁର ଆଦି ପ୍ରାଣୀ ଗଣନା କରୁଛନ୍ତି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୫ ପ୍ରତିଶତ ପ୍ରାଣୀ ଗଣନା ଶେଷ ହୋଇଛି ।

# ବସ୍ ସେବା

ରାଜ୍ୟ ପରିବହନ ନିଗମ ପକ୍ଷରୁ ବୌଦ୍ଧଜିଲ୍ଲା କଣ୍ଟାମାଳରୁ ଅନୁଗୁଳ ଆଠମଲ୍ଲିକ ମଧ୍ୟରେ ରାଜ୍ୟ ପରିବହନ ନିଗମ ବସ୍ ସେବା ପୁଣି ଥରେ ଆରମ୍ଭ ହେବ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବସ୍ ସେବା ଆରମ୍ଭ କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବା ପରେ’ ଆସନ୍ତା ଦୁଇଦିନ ଭିତରେ ବସ୍ ଚାଲିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି ।

# ଚିତ୍ରକଳା ପ୍ରଦର୍ଶନୀ

ଗଞ୍ଜାମ ଜିଲ୍ଲା ଖଲ୍ଲୀକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ ଗତକାଲି ସନ୍ଧ୍ୟାରେ

ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଭାସ୍କର୍ଯ୍ୟଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚିତ୍ରକଳା ଛାତ୍ରଛାତ୍ରୀମାନଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ତୈଳଚିତ୍ର, କ୍ୟାଥଲିକ୍ ଆର୍ଟ, ସେରାମିକ୍ ଆର୍ଟ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା ।

## ପଙ୍କଉଦ୍ଧାର- ଏକାଦଶୀ

ପୁରୀ ଶ୍ରୀ ଲୋକନାଥଦେବଙ୍କ ପୀଠରେ ଆଜି ପଙ୍କଉଦ୍ଧାର ଏକାଦଶୀ ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଆରମ୍ଭ ହୋଇଛି । ଏହି ତିଥିରେ ପରମ୍ପରା ଅନୁସାରେ ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀଲୋକନାଥଦେବଙ୍କ ପ୍ରତ୍ୟକ୍ଷ ଶିବଲିଙ୍ଗ ଦର୍ଶନର ସୌଭାଗ୍ୟ  ପ୍ରାପ୍ତି ହୋଇଥାଏ। ନୈବେଦ୍ୟ ପଙ୍କ କଢ଼ାଯିବା ପରେ ମହାସ୍ନାନ କରାଯାଇ ଶ୍ରଦ୍ଧାଳୁଙ୍କ ପାଇଁ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।  ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଶ୍ରୀରାମ ନବମୀ-ପ୍ରସ୍ତୁତି ବୈଠକ

ଭଦ୍ରକ ଜିଲ୍ଲାରେ ଶ୍ରୀରାମ ନବମୀ ମହୋତ୍ସବ ପାଳନ ପାଇଁ  ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଯୋଗ ଦେଇ ଚଳିତବର୍ଷ ଶ୍ରୀରାମ ନବମୀ ପାଳନକୁ ଅଧିକ ଭବ୍ୟ, ଦିବ୍ୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଛନ୍ତି ।

# କବାଡ଼ି ଉଦ୍‌ଯାପିତ

ଓଡ଼ିଶା କବାଡ଼ି ଆସୋସିଏସନ୍ ଆନୁକୂଲ୍ୟରେ କଟକ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଚାଲିଥିବା ୭୧ତମ ଜାତୀୟ ପୁରୁଷ ସିନିୟର୍ କବାଡ଼ି ପ୍ରତିଯୋଗିତା ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ୍‌ରେ ସର୍ଭିସେସ୍ ଓ ରେଳବାଇ ମଧ୍ୟରେ ମୁକାବିଲା ହୋଇଥିଲା । ଏହି ପ୍ରତିଯୋଗିତାରେ ସର୍ଭିସେସ୍’ ରେଳବାଇକୁ ୩୬/୩୪ ପଏଣ୍ଟରେ ହରାଇ ଚମ୍ପିୟାନ୍ ହୋଇଛି ।

# ଫୁଟ୍‌ବଲ୍

ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ହେବ । ସମ୍ବଲପୁର ଫୁଟ୍‌ବଲ ଏକାଡେମୀ ଏବଂ ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ସହଯୋଗରେ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀ ଦଳ ଭାଗ ନେବା ପାଇଁ ସମ୍ବଲପୁରଠାରେ ପହଞ୍ଚିଛନ୍ତି ।